www.pragativadi.com

ପ୍ରଗତିବାଦୀ

PRAGATIVADI

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ

ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ • FOUNDER PRADYUMNA BAL

ଶୁକ୍ରବାର, ନଭେମ୍ବର ୨୧, ୨୦୧୩

# ନାରୀଶିକ୍ଷାର ବିକାଶ ହେଲେ ସମାଜର ବିକାଶ ସମ୍ଭବ



**କୟାଁଗୋଲା ,ତା୨୧।୧୧(ପିଏନଏସ) :** ଦଶରଥପୁର ବ୍ଲକ ଅଧିନସ୍ଥ କଷପା ପଞ୍ଚାୟତ ପଲ୍ଲୀସାହି ଗ୍ରାମର ନେହେରୁ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଶିକ୍ଷାବିତ ତଥା ବ୍ଲକର ପୂର୍ବତନ ଅଧକ୍ଷ ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ରାଉତଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ନବଜୀବନ ଫାଉଣ୍ଡେସନ୍ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ ବୁଧବାର ନାରୀ ଶିକ୍ଷାର ବିକାଶ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଦୁଦୁରାଅଞ୍ଚା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଆରସିସି ଅନ୍ନଦା ପ୍ରସାଦ ରଣା ଯୋଗଦେଇ ନାରୀଶିକ୍ଷାର ବିକାଶହେଲେ ସମାଜର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ସେକ୍ କମିରୁଦ୍ଦିନ୍, ଅଢାଉଳିଆ ନୋଡାଲ ଉପ୍ରା ବିଦ୍ୟାଳୟର ଶିକ୍ଷକ ସରୋଜ ତ୍ରିପାଠୀ, ପରିଚାଳନା କମିଟିର ଅଧକ୍ଷ ମନୋଜ ରାଉତ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ ସଂସ୍ଥାର ମୁଖ୍ୟ ମାନସ ରଂଜନ ସାହୁ, ଭଦ୍ରକ ଜିଲ୍ଲାର ସଭାପତି ମନୋଜ ରଣା, ଯାଜପୁର ଜିଲ୍ଲାର ସଭାପତି ପ୍ରଭାକର ସାହୁ, ବାଲେଶ୍ୱର ଜିଲ୍ଲାର ସଭାପତି ତପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।